# ବହୁମୁଖୀ ପାଠ୍ୟଖସଡ଼ା

## Multidisciplinary Course

## ପ୍ରଥମ ପତ୍ର

# ତୁଳନାତ୍ମକ ସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ବିବିଧ ଭାଷାର ସାହିତ୍ୟ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ ସାମ୍ପ୍ରତିକ ସମୟର ଏକ ପ୍ରାସଙ୍ଗିକ ବିଷୟ । ଏହାଦ୍ୱାରା ବିଶ୍ୱ ପରିପ୍ରେକ୍ଷୀରେ ସାହିତ୍ୟିକ ସମ୍ପର୍କ ବୃଦ୍ଧିପାଏ ଓ ବିଶ୍ୱ କଲ୍ୟାଣ ସାଧିତହୁଏ । ସ୍ନାତକଶ୍ରେଣୀର ବିଦ୍ୟାର୍ଥୀମାନେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ମାଧ୍ୟମରେ ବିବିଧଭାଷା ଓ ସାହିତ୍ୟର ଜ୍ଞାନ ଆହରଣ କରିପାରିବେ । ତେଣୁ ବହୁମୁଖୀ ପାଠ୍ୟଖସଡ଼ାରେ ତୁଳନାତ୍ମକ ସାହିତ୍ୟ ଅତ୍ୟନ୍ତ ଉପାଦେୟ ହେବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ତୁଳନାତ୍ମକ ସାହିତ୍ୟର ତାତ୍ତ୍ୱିକଦିଗ ଉପରେ ଛାତ୍ରଛାତ୍ରୀ ଏଠାରେ ଅବଗତ ହୋଇପାରିବେ । ବିଶେଷତଃ ତୁଳନାତ୍ମକ ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ବିବିଧରୂପ ଜାଣିପାରିବେ ।

**୨ୟ ଏକକ :** ସଂସ୍କୃତ ହେଉଛି ଭାରତର ସର୍ବପ୍ରାଚୀନ କାବ୍ୟଭାଷା । ସଂସ୍କୃତ ସାହିତ୍ୟର ବିଖ୍ୟାତ କବି ଓ ନାଟ୍ୟକାର କାଳିଦାସଙ୍କ ସୁପ୍ରସିଦ୍ଧ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକ ଓ ଆଧୁନିକ ଓଡ଼ିଆ କାବ୍ୟକାର ଗଙ୍ଗାଧରଙ୍କ 'ପ୍ରଣୟବଲ୍ଲରୀ'ର ତୁଳନାତ୍ମକ ଅଧ୍ୟୟନ କରିବାପାଇଁ ଏହି ଏକକରେ ସୁଯୋଗ ରହିଛି ।

**୩ୟ ଏକକ :** ହିନ୍ଦୀ ଭାରତର ରାଷ୍ଟ୍ର ଭାଷା । ଏହି ଭାଷାର ବିଖ୍ୟାତ ଲେଖକ ପ୍ରେମଚାନ୍ଦଙ୍କ ଗୋଦାନ ଉପନ୍ୟାସ ଓ ବିଶିଷ୍ଟ ଓଡ଼ିଆ କଥାକାର ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ର ତୁଳନାତ୍ମକ ସମୀକ୍ଷା ବେଶ୍ ଗୁରୁତ୍ୱ ରଖେ । ଏହି ଏକକରୁ ବିଦ୍ୟାର୍ଥୀମାନେ ତୁଳନାତ୍ମକ ଜ୍ଞାନ ଅର୍ଜନ କରିବେ ।

**୪ର୍ଥ ଏକକ:** ନୋବେଲ ପୁରସ୍କାର ପ୍ରାପ୍ତ The Waste Land ଗ୍ରନ୍ଥଟି ବିଶ୍ୱବ୍ୟାପୀ ପ୍ରଭାବ ବିସ୍ତାର କରିଛି । ତାହା ସହିତ ଯଶସ୍ୱୀ ଆଧୁନିକ କବି ଗୁରୁପ୍ରସାଦଙ୍କ କାଳପୁରୁଷର କିପରି ସାମଞ୍ଜସ୍ୟ ବା ତାରତମ୍ୟ ରହିଛି , ଛାତ୍ରଛାତ୍ରୀ ତାହା ଏଠାରେ ଅନୁଶୀଳନ କରିବେ ।

# ପାଠ୍ୟ ବିଷୟ

**୧ମ ଏକକ :** ତୁଳନାତ୍ମକ ସାହିତ୍ୟ: ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ

**୨ୟ ଏକକ :** ସଂସ୍କୃତ ଓ ଓଡ଼ିଆ : ଅଭିଜ୍ଞାନ ଶାକୁନ୍ତଳମ୍ ଓ ପ୍ରଣୟବଲ୍ଲରୀ

**୩ୟ ଏକକ :** ହିନ୍ଦୀ ଓ ଓଡ଼ିଆ

ଗୋଦାନ - ପ୍ରେମଚାନ୍ଦ ଓ ଛମାଣ ଆଠଗୁଣ୍ଠ-ଫକୀରମୋହନ ସେନାପତି

**୪ର୍ଥ ଏକକ :** ଇଂରାଜୀ ଓ ଓଡ଼ିଆ: The Waste Land– T.S.Eliot ଓ କାଳପୁରୁଷ- ଗୁରୁପ୍ରସାଦ ମହାନ୍ତି

**ସହାୟକ ଗ୍ରନ୍ଥସୂଚୀ (Book of references):**


୧.ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟ ପାଶ୍ଚାତ୍ୟ – ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୨.ପାଶ୍ଚାତ୍ୟ ସାହିତ୍ୟ ଓ ସମୀକ୍ଷା ତତ୍ତ୍ୱ - ସଂ. କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ

୩.ସାମ୍ପ୍ରତିକ ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ – ଚିତ୍ତ ରଞ୍ଜନ ମିଶ୍ର, ଗ୍ରନ୍ଥ ମନ୍ଦିର, କଟକ

୪.ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ – ଜିତେନ୍ଦ୍ର ନାରାୟଣ ପଟ୍ଟନାୟକ

୫.ତୁଲ୍ୟ କଷଟି – ସନ୍ତୋଷ ତ୍ରିପାଠୀ, ଏଥେନା, କଟକ

୬.ଗବେଷଣା ଅନୁବାଦ ଓ ସମ୍ପାଦନାକଳା – ନାରାୟଣ ସାହୁ, ସତ୍ୟ ନାରାୟଣ ବୁକ୍ ଷ୍ଟୋର, କଟକ


**ନମୁନା ପ୍ରଶ୍ନ (Sample Questions) :**

୧.କାହାକୁ ତୁଳନାତ୍ମକ ସାହିତ୍ୟର ପିତା ବୋଲି କୁହାଯାଏ ? (୧ ମାର୍କ)

୨.ବିଶ୍ୱର କେଉଁ ଦୁଇଜଣ ପ୍ରସିଦ୍ଧ କବି ତଥା ନାଟ୍ୟକାରଙ୍କ ଉପରେ ମାୟାଧର ମାନସିଂହ ତୁଳନାତ୍ମକ ଗବେଷଣା କାର୍ଯ୍ୟ କରିଛନ୍ତି? (୨ ମାର୍କ)

୩. ଗୋଦାନ ଓ ଛମାଣ ଆଠଗୁଣ୍ଠର ପାଞ୍ଚୋଟି ସାମଞ୍ଜସ୍ୟ ଲେଖ । (୫ ମାର୍କ)

୪.ଦୁଷ୍ମନ୍ତ ଚରିତ୍ରକୁ ଚିତ୍ରଣ କରିବାରେ କାଳିଦାସ ଓ ଗଙ୍ଗାଧରଙ୍କ ଦୃଷ୍ଟିକୋଣର ତୁଳନା କର । (୮ ମାର୍କ)